# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 December - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଆୟୁଷ୍ମାନ ଭାରତ ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି; କହିଲେ, ପ୍ରଧାନମନ୍ତ୍ରୀ

— ୧୧୭ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ କଲେ ସମ୍ବୋଧନ

- ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି ଅଦିନିଆ ବର୍ଷା ଫସଲ କ୍ଷୟକ୍ଷତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ କାହାଣୀର ଗନ୍ତାଘର; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ନୂଆବର୍ଷକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ ଏବଂ ରାହା ବେଙ୍ଗଲ ଟାଇଗର୍ସ ମଧ୍ୟରେ ଚାଲିଛି ମ୍ୟାଚ୍

# ମନ୍ କୀ ବାତ୍

ଆୟୁଷ୍ମାନ ଭାରତ ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀରେ ୧୧୭ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ୨ଟି ବଡ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୩ ମଧ୍ୟରେ ଭାରତରେ ମ୍ୟାଲେରିଆ ରୋଗୀ ଏବଂ ତତ୍‌ଜନିତ ମୃତ୍ୟୁସଂଖ୍ୟା ୮୦ ପ୍ରତିଶତ ହ୍ରାସ ପାଇଛି । ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଅନ୍ୟ ଏକ ଉପଲବ୍ଧି ହେଉଛି ଠିକ୍ ସମୟରେ କର୍କଟ ରୋଗର ଚିକିତ୍ସା ଆରମ୍ଭ ହେବାର ସମ୍ଭାବନା ବୃଦ୍ଧି ପାଇଛି। ୯୦ ପ୍ରତିଶତ କର୍କଟ ରୋଗୀ ଏହି ଯୋଜନା ମାଧ୍ୟମରେ ସଠିକ୍ ସମୟରେ ଚିକିତ୍ସା ଉପଲବ୍ଧ କରିପାରୁଛନ୍ତି । ଫଳରେ କର୍କଟ ଚିକିତ୍ସାରେ ଆର୍ଥିକ ସମସ୍ୟା ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି ।

ଦେଶର ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ। ଆସନ୍ତା ଜାନୁଆରୀ ୨୬ ତାରିଖରେ ଭାରତୀୟ ସମ୍ବିଧାନ ୭୫ ବର୍ଷ ପୂରଣ କରିବାକୁ ଯାଉଛି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

**- V/O –**

ସମ୍ବିଧାନର ପରମ୍ପରା ସହ ସାଧାରଣ ନାଗରିକଙ୍କୁ ସମ୍ପୃକ୍ତ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ constitution75.comର ପ୍ରଚଳନ କରାଯାଇଛି । ଏହି ୱେବ୍‌ସାଇଟ୍ ମାଧ୍ୟମରେ ସମ୍ବିଧାନକୁ ପଢ଼ିବା ସହିତ ନିଜର ଭିଡ଼ିଓ ରେକର୍ଡିଂ କରି ଅପ୍‌ଲୋଡ କରାଯାଇପାରିବ ।

ପ୍ରଧାନମନ୍ତ୍ରୀ ପ୍ରୟାଗରାଜରେ ଆସନ୍ତା ୧୩ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମହାକୁମ୍ଭ ମେଳା ବିଷୟରେ ଆଲୋଚନା କରି କହିଛନ୍ତି, ମହାକୁମ୍ଭ କେବଳ ଏକ ବୃହତ୍ ସମାଗମ ନୁହେଁ ବରଂ ଏହାର ବିବିଧତା ସର୍ବଜନବିଦିତ ।  ପ୍ରଥମଥର ପାଇଁ ଏହି ମେଳାରେ କୃତ୍ରିମ ବୁଦ୍ଧିମତା ଚାର୍ଟବଟ୍‌ର ବ୍ୟବହାର କରାଯିବ ।

ଭାରତୀୟ ଆନିମେସନ ଚଳଚ୍ଚିତ୍ର, ନିୟମିତ ଚଳଚ୍ଚିତ୍ର ଏବଂ ଟିଭି ଧାରାବାହିକର ଲୋକପ୍ରିୟତା ଦେଶରେ ସୃଜନଶୀଳ ଉଦ୍ୟମରେ ରହିଥିବା ସମ୍ଭାବନାକୁ ସୂଚିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଚଳଚ୍ଚିତ୍ର ଶିଳ୍ପ ଦେଶର ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ବିଶେଷ ଫଳପ୍ରଦ ହୋଇଛି । 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଚଳଚ୍ଚିତ୍ର ଜଗତ ସୁଦୃଢ଼ କରିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଆସନ୍ତା ବର୍ଷ ଭାରତରେ ପ୍ରଥମଥର ପାଇଁ ବିଶ୍ୱ ଅଡିଓ ଭିଜୁଆଲ ମନୋରଞ୍ଜନ ଶିଖର ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ୍‌ର ଚାଷୀମାନେ କିପରି କମ୍ ଜଳ ବ୍ୟବହାର କରି ସଫଳତାର ସହ ଚାଷ କରିବା ସହ ପରିବା ଉତ୍ପାଦନ

କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି ସେ ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଉଲ୍ଲେଖ କରିଛନ୍ତି । ଗୋଲାମୁଣ୍ଡାର ୧୦ଜଣ କୃଷକଙ୍କ ଏକ ଗୋଷ୍ଠୀ କୃଷକ ଉତ୍ପାଦକ ସଂଘ ନାମରେ ଏକ ସଂଗଠନ ପ୍ରତିଷ୍ଠା କରି ପରିବା ଚାଷରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଆରମ୍ଭ କରିଥିବା ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ୪୫ଜଣ ମହିଳା କୃଷକଙ୍କ ସମେତ ୨୦୦ରୁ ଅଧିକ କୃଷକ ଏହି ସଂଘ ସହ ଜଡିତ ଅଛନ୍ତି ଏବଂ ଉତ୍ପାଦକ ସଂଘଟି ଆଜି ବହୁକୋଟି ଟଙ୍କାର ବ୍ୟବସାୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-କ୍ଷୟକ୍ଷତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି **ଗଞ୍ଜାମ** ଓ **ଗଜପତି** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଗ୍ରାମରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି । ଗଜପତି ଜିଲ୍ଲାର ଗୋଶାଣି ବ୍ଲକ୍‌ର ଉପଲଡା, ଲିଙ୍ଗିପୁର, ଭୁଶୁକୁଡି ଓ ଗୁରାଣ୍ଡି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟ ସରକାର ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉଚିତ୍ କ୍ଷତିପୂରଣ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଗଂଜାମ ଜିଲ୍ଲାର ଛତ୍ରପୁର ବ୍ଲକ୍‌ର ଲକ୍ଷ୍ମୀପୁର ପଞ୍ଚାୟତର ନାଉଳି ଗାଁର ନଷ୍ଟ ହୋଇଥିବା ଫସଲକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲ୍ଲିକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉପସ୍ଥିତ ଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ କାହାଣୀର ଗନ୍ତାଘର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଖିଣ୍ଡା, ଘେଁସ, ଲଖନପୁର, ମଧୁଗଡତିଆ, ଢେଙ୍କାନାଳର ପ୍ରଜାମଣ୍ଡଳ ଆନ୍ଦୋଳନ ଯାହାର ଅନନ୍ୟ ଉଦାହରଣ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ 'ଦ ସାଗା ଅଫ୍ କୁଦୋପାଲି : ଦ ଅନ୍‌ସଙ୍ଗ୍ ଷ୍ଟୋରୀ ଅଫ୍ ୧୮୫୭'ପୁସ୍ତକକୁ ଉନ୍ମୋଚନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମ୍ବଲପୁର ତଥା କୁଦୋପାଲି ମାଟିରେ କିଛି ତତ୍ତ୍ୱ ଅଛି, ଯାହା ଆଗାମୀ ପିଢ଼ିକୁ ବଳିଦାନ ପାଇଁ ପ୍ରେରଣା ଯୋଗାଉଛି। ଆଉ ଦୁଇବର୍ଷ ପରେ ସମ୍ବଲପୁର କ୍ରାନ୍ତିର ୨୦୦ ବର୍ଷ ପାଳନ ହେବାକୁ ଯାଉଛି। ଏହାର ପ୍ରସ୍ତୁତିକୁ ଆଗେଇ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ସୂଚନା ଥାଉ କି, ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖରେ କୁଦୋପାଲି ଘାଟିରେ ଇଂରେଜଙ୍କ ଅତର୍କିତ ଆକ୍ରମଣରେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏଙ୍କ ସମେତ ସର୍ବମୋଟ ୫୭ ଜଣ ସହିଦ୍ ହୋଇଥିଲେ।

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ

ଅଭିଯୋଗର ଶୁଣାଣି କରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହିତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ନିଜର ଅଭିଯୋଗ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# ଶ୍ରୀମନ୍ଦିରର ନୂଆବର୍ଷ ପ୍ରସ୍ତୁତି

୨୦୨୪କୁ ବିଦାୟ ଏବଂ ୨୦୨୫କୁ ସ୍ୱାଗତ ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶ୍ରୀ ଜୀଉଙ୍କ ଦର୍ଶନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ନାଟମଣ୍ଡପରୁ ଅନଧିକୃତ ଅବରୋଧଗୁଡିକୁ ଉଠାଇ ଦିଆଯାଇଛି । ଆସନ୍ତା ମଙ୍ଗଳବାର ଏବଂ ବୁଧବାର ନୂଆବର୍ଷ ଦିନ ଶ୍ରୀଜୀଉଙ୍କର ଶୃଙ୍ଖଳିତ ନୀତିକାନ୍ତି ନେଇ ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ  ଆଲୋଚନା ହୋଇଛି।

## ରୁପା ଛାଉଣୀ

ଇଂରାଜୀ ନୂଆବର୍ଷ ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ରୁପା ଛାଉଣୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଲୁହାଭାରା ବନ୍ଧାଯାଇ କାରିଗରମାନଙ୍କ ଦ୍ୱାରା ରୁପା ଛାଉଣୀ କାମ ଜାରି ରହିଛି। ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ, ସିଂହଦ୍ୱାର ଗୁମୁଟ ବନ୍ଦ ଥିବା ସମୟରେ ଏହି କାର୍ଯ୍ୟ କରାଯାଉଛି। ପୂର୍ବରୁ ସିଂହଦ୍ୱାର କବାଟର ରୁପା ଛାଉଣୀ ସହ ସାତପାହାଚ,

ଜୟବିଜୟ ଦ୍ୱାର, କଳାହାଟ ଦ୍ୱାର, ବେହେରଣ ଦ୍ୱାର ଓ ଭୋଗମଣ୍ଡପ ଦ୍ୱାରକୁ ରୁପା ଛାଉଣୀ କରାଯାଇଛି।

## ବାଘୁଣୀ ଜିନତ୍

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରୁ ରାଜ୍ୟ ବାହାରକୁ ପଳାଇଥିବା ବାଘୁଣୀ ଜିନତ୍‌କୁ ବନ କର୍ମଚାରୀ ପଶ୍ଚିମବଙ୍ଗ ବାଙ୍କୁରାରେ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଛନ୍ତି। ଜିନତ୍‌ର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାକୁ ଆଲିପୁର ନିଆଯିବ ଏବଂ ପରେ ତାକୁ ଶିମିଳିପାଳ ଫେରାଇ ଅଣାଯିବ ବୋଲି ବନ୍ୟପ୍ରାଣୀ ପି.ସି.ସି.ଏଫ୍. ପ୍ରେମ୍ କୁମାର ଝା କହିଛନ୍ତି।

## ଚାଷ କ୍ଷୟକ୍ଷତି

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁଁ **କେନ୍ଦ୍ରାପଡ଼ା** ଜିଲ୍ଲାରେ  ବ୍ୟାପକ ଫସଲହାନୀ ଘଟିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଗସ୍ତରେ ଆସି ଫସଲ ହାନୀ ହୋଇଥିବା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିସହିତ ଜିଲ୍ଲାରେ ପ୍ରଶାସନିକ ଅଧିକାରୀଙ୍କ ସହ ମନ୍ତ୍ରୀ ଶ୍ରୀ ପାତ୍ର ଫସଲ ହାନୀ ପରିସ୍ଥିତିର ସମୀକ୍ଷା ମଧ୍ୟ କରିଛନ୍ତି। କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ଏବଂ କୌଣସି ଚାଷୀ ଏଥିରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାର ଯତ୍ନଶୀଳ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସମୀକ୍ଷା ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଦୁର୍ଗାପ୍ରସନ୍ନ ନାୟକ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କେ.ସି.ଏସ୍.ଏ. କ୍ରିକେଟ

**ନୂଆପଡା** ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆରେ ଚାଲିଥିବା ୨୧ତମ କେ.ସି.ଏସ୍.ଏ. କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ଚାମ୍ପିଅନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଅଧିରାଜ ପାଣିଗ୍ରାହୀ  ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ୫୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦେଇଛନ୍ତି। ରନର୍ସଅପ୍ ଖଡିଆଳ ଦଳକୁ ଟ୍ରଫି ଏବଂ ୩୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦିଆଯାଇଛି।

# ଆକାଶବାଣୀ କାର୍ଯ୍ୟକ୍ରମ

୨୦୨୪ ମସିହାର ଶେଷ ଦିନରେ ବର୍ଷତମାମ ଘଟିଥିବା ପ୍ରମୁଖ ଘଟଣାକୁ ନେଇ ଆକାଶବାଣୀ ସମାଚାର ବିଭାଗ ତରଫରୁ 'ଚର୍ଚ୍ଚାରେ-୨୦୨୪' ପ୍ରସ୍ତୁତ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମ ଆକାଶବାଣୀ କଟକ କେନ୍ଦ୍ରରୁ ଆସନ୍ତା ମଙ୍ଗଳବାର ରାତି ୧୦ଟାରେ ପ୍ରସାରଣ କରାଯିବ ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ପ୍ରତିଯୋଗିତାର ପୁରୁଷ ବର୍ଗରେ ବର୍ତ୍ତମାନ ହାଇଦ୍ରାବାଦ ତୋଫାନ୍ସ ଏବଂ ରାହ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଚାଲିଛି। ପରବର୍ତ୍ତୀ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ସୁରମା ହକି କ୍ଲବ ପରସ୍ପରକୁ ଭେଟିବେ ।

ଫେବୃୟାରୀ ପହିଲା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ ରାଉରକେଲା ଏବଂ ରାଞ୍ଚିଠାରେ

ଖେଳାଯିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ପୁରୁଷ ବର୍ଗରେ ୮ଟି ଏବଂ ମହିଳା ବର୍ଗରେ ୪ଟି ଦଳ ଅଂଶଗ୍ରହଣ କରୁଛନ୍ତି ।

*********************************